# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

ସମିତି ସର୍କୁଲାର ନଂ....22...          ତା.୨୦.୦୬.୨୦୧୭

ଏତଦ୍ ଦ୍ୱାରା ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଅର୍ନ୍ତଭୁକ୍ତ ସମସ୍ତ ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଦୁଗ୍ଧ ସଂଘ ତରଫରୁ ଭାରତୀୟ ଜୀବନ ବୀମା ନିଗମ, ସମ୍ବଲପୁର ମାଧ୍ୟମରେ ଗତ ବର୍ଷ **୧୭୦ ଜଣ** ସମିତି କର୍ମଚାରୀ ଙ୍କୁ "ଆମ୍ ଆଦ୍‌ମୀ ବୀମା ଯୋଜନା" ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଉକ୍ତ ବୀମା ଯୋଜନାର renewal ଆସନ୍ତା ତା.୦୪.୦୮.୨୦୧୭ରିଖରେ ଅଛି । ଉକ୍ତ ବୀମା renewal କରିବା ପାଇଁ **ଅନିଚ୍ଛୁକ** ସମିତି କର୍ମଚାରୀ ସଂଘକୁ ଆସନ୍ତା **ତା.୧୦.୦୭.୨୦୧୭ ସୁଦ୍ଧା** ଲିଖିତ ଆକାରରେ ଜଣାଇବେ । ନଚେତ୍ ଏଥିରେ ସମିତି କର୍ମଚାରୀଙ୍କ ସମ୍ମତି ଅଛି ବୋଲି ଦୁଗ୍ଧ ସଂଘ ବିଚାର କରିବ ।

ଏତଦ୍ ବ୍ୟତୀତ ଯଦି କୌଣସି **ନୂତନ ସଂପାଦକ/ସଂପାଦିକା, ସହ ସଂପାଦକ/ସଂପାଦିକା, କୃତ୍ରିମ ପ୍ରଜନନକାରୀ, ଟେଷ୍ଟର, ଶୀର୍ଷବାହକ** ଏବଂ LRP ମାନେ "ଆମ୍ ଆଦ୍‌ମୀ ବୀମା ଯୋଜନା" କରିବାକୁ ଚାହୁଁଛନ୍ତି, ତାହେଲେ ସମିତି ମାନେ ସବିଶେଷ ବିବରଣୀ ନିମ୍ନ ଫର୍ମରେ ସଂଘଠାରେ **ଆସନ୍ତା ତା.୨୦.୦୭.୨୦୧୭ ସୁଦ୍ଧା** ଦାଖଲ କରିବେ । ତା.୨୦.୦୭.୨୦୧୭ ପରେ ଆସିଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ ।

## <u>ଫର୍ମ</u>

| | | | | | |
|---|---|---|---|---|---|
| ୧ | ସଭ୍ୟଙ୍କ ନାମ | | ୭ | ସନ୍ତାନ ସଂଖ୍ୟା | |
| ୨ | ପିତା/ସ୍ୱାମୀଙ୍କ ନାମ | | ୮. | ଉତ୍ତରାଧିକାରୀଙ୍କ ନାମ | |
| ୩ | ଲିଙ୍ଗ | | ୯. | ଉତ୍ତରାଧିକାରୀଙ୍କ ସହିତ ସଂପର୍କ | |
| ୪ | ଜନ୍ମ ତାରିଖ | | ୧୦. | ଉତ୍ତରାଧିକାରୀଙ୍କ ଜନ୍ମ ତାରିଖ | |
| ୫ | କର୍ମ କ୍ଷେତ୍ରରେ ପ୍ରବେଶ ତାରିଖ | | ୧୧. | ବି.ପି.ଏଲ୍ କାର୍ଡ ନଂ/ ରାସନ୍ କାର୍ଡ ନଂ | |
| ୬ | ଚିହ୍ନଟ (Identification Mark) | | | | |

ଏଥିପାଇଁ ସଂଘ ପ୍ରିମିୟମ ବାବଦକୁ ଜଣକ ପିଛା ବାର୍ଷିକ ଟ.୧୦୦.୦୦ (ଏକ ଶହ ଟଙ୍କା) ଭାରତୀୟ ଜୀବନ ବୀମା ନିଗମ (LIC of India)ରେ ଜମା କରିବେ । ଏହି ପ୍ରିମିୟମର ୫୦% ଯଥା ଟ.୫୦.୦୦ ସଂପୃକ୍ତ ସମିତି କର୍ମଚାରୀମାନେ ବହନ କରିବେ । ଶିକ୍ଷାବୃତ୍ତି କେବଳ ୧୫ଭାଗ ଆମ୍ ଆଦ୍‌ମୀ ବୀମା ଯୋଜନାରେ ଅର୍ନ୍ତଭୁକ୍ତ ସଭ୍ୟମାନଙ୍କ ସନ୍ତାନ ନିମନ୍ତେ ମିଳିବ ।

ଏହି ୫୦% ପ୍ରିମିୟମ ତା.୨୧.୦୭.୨୦୧୭ ରୁ ୩୧.୦୭.୨୦୧୭ ସମିତିର ଦୁଗ୍ଧ ବିଲ୍ ରୁ ନିଶୋଧନ କରାଯିବ ।

ଏତଦ୍ ବ୍ୟତୀତ TWDP ପାଣ୍ଠି ରୁ TWDP ସମିତିଗୁଡ଼ିକର ସଂପାଦକ/ସଂପାଦିକା ଏବଂ ଶୀର୍ଷବାହକ ଙ୍କୁ ମଧ୍ୟ ଆମ୍ ଆଦ୍‌ମୀ ବୀମା ଯୋଜନାରେ ଅର୍ନ୍ତଭୁକ୍ତ କରାଯିବ ।

ଏହି ବୀମା ଯୋଜନାର ସବିଶେଷ ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ...587... ତା.୨୦.୦୬.୨୦୧୭

ନକଲ ପାଇବେ —

୧. ସମସ୍ତ ସମିତି ।
୨. ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା
୩. ସମସ୍ତ ଅଂଚଳ ଭାରପ୍ରାପ୍ତ ଅଧିକାରୀ / ଡେପୁଟୀ ମ୍ୟାନେଜର/ ଅର୍ଥ ବିଭାଗ

ସାଧାରଣ ପରିଚାଳକ